**96.** ପାଣି ମିଶା କ୍ଷୀରକୁ କ୍ଷୀରର କିଣାଦାମ୍‌ରେ ବିକିଲେ 25% ଲାଭ ହୁଏ । ତେବେ ପାଣି ମିଶା କ୍ଷୀରରେ, କ୍ଷୀର ଓ ପାଣିର ଅନୁପାତ କେତେ ?

(A) 3 : 2

(B) 2 : 3

(C) 5 : 1

(D) 4 : 1

**97.** ଗୋଟିଏ ସଂଖ୍ୟାର ବର୍ଗମୂଳ 6 ଓ 7 ମଧ୍ୟରେ ଥିଲେ, ଏହାର ଘନମୂଳ କେଉଁ ଦୁଇଟି ସଂଖ୍ୟା ମଧ୍ୟରେ ରହିବ ?

(A) 2 ଓ 3

(B) 2.5 ଓ 3

(C) 3 ଓ 4

(D) 4 ଓ 4.5

**98.** $129 - 90\sqrt{2}$ର ବର୍ଗମୂଳ ସ୍ଥିର କର

(A) $5\sqrt{6} - 2\sqrt{3}$

(B) $6\sqrt{2} - 5\sqrt{3}$

(C) $5\sqrt{3} - 3\sqrt{6}$

(D) $3\sqrt{2} - 5\sqrt{3}$

**96.** On selling water mixed milk, at the rate of cost price of milk, becomes 25% profit. Then what is the ratio of milk and water in the water mixed milk ?

(A) 3 : 2

(B) 2 : 3

(C) 5 : 1

(D) 4 : 1

**97.** If the square root of a number is between 6 and 7, then its cube root lies between

(A) 2 and 3

(B) 2.5 and 3

(C) 3 and 4

(D) 4 and 4.5

**98.** Find the square root of $129 - 90\sqrt{2}$.

(A) $5\sqrt{6} - 2\sqrt{3}$

(B) $6\sqrt{2} - 5\sqrt{3}$

(C) $5\sqrt{3} - 3\sqrt{6}$

(D) $3\sqrt{2} - 5\sqrt{3}$

99. ଗୋଟିଏ ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁର ଦୈର୍ଘ୍ୟ 4 ସେମି କମିଗଲେ, ଏହାର କ୍ଷେତ୍ରଫଳ $24\sqrt{3}$ ବର୍ଗ ସେମି କମିଯାଏ, ତ୍ରିଭୁଜର ବାହୁର ଦୈର୍ଘ୍ୟ କେତେ ?

(A) 14 ସେମି

(B) 12 ସେମି

(C) 16 ସେମି

(D) 10 ସେମି

100. $\Delta ABC$ରେ, AB = AC, BC ଓ AC ଉପରେ ଯଥାକ୍ରମେ D ଓ E ଦୁଇଟି ବିନ୍ଦୁ ଯେପରିକି AD = AE. $\angle BAD = 30°$ ହେଲେ, $\angle EDC$ ର ପରିମାଣ କେତେ ହେବ ?

(A) 10°

(B) 15°

(C) 20°

(D) 25°

99. On decreasing the sides of an equilateral triangle by 4 cm, its area decreases $24\sqrt{3}$ cm$^2$. What is the length of the sides of the triangle ?

(A) 14 cm

(B) 12 cm

(C) 16 cm

(D) 10 cm

100. In a triangle ABC, AB = AC. Points D and E are on the sides BC and AC respectively such that AD = AE. If $\angle BAD = 30°$, what will be the measure of $\angle EDC$ ?

(A) 10°

(B) 15°

(C) 20°

(D) 25°

101. କୌଣସି ମୂଳଧନର ବାର୍ଷିକ 8% ହାରରେ 2 ବର୍ଷର ସରଳ ସୁଧ ଓ ଚକ୍ରବୃଦ୍ଧି ସୁଧର ଅନ୍ତର ₹ 128 ହେଲେ, ମୂଳଧନ କେତେ ?

(A) ₹ 20,000

(B) ₹ 10,000

(C) ₹ 12,800

(D) ₹ 25,600

102. $\sqrt{6+\sqrt{6+\sqrt{6+\sqrt{6+\ldots\ldots\infty}}}}$ ର ମୂଲ୍ୟ କେତେ ?

(A) 6 (B) 5

(C) 4 (D) 3

103. $0.\overline{23} + 0.2\overline{3} = ?$

(A) $0.46\overline{5}$

(B) $0.\overline{465}$

(C) $0.4\overline{65}$

(D) $0.465\overline{4}$

101. How much is the principal amount, if the difference between compound interest and simple interest of the same principal amount for 2 years at the rate of 8% per annum is ₹ 128 ?

(A) ₹ 20,000

(B) ₹ 10,000

(C) ₹ 12,800

(D) ₹ 25,600

102. What is the value of

$\sqrt{6+\sqrt{6+\sqrt{6+\sqrt{6+\ldots\ldots\infty}}}}$ ?

(A) 6 (B) 5

(C) 4 (D) 3

103. $0.\overline{23} + 0.2\overline{3} = ?$

(A) $0.46\overline{5}$

(B) $0.\overline{465}$

(C) $0.4\overline{65}$

(D) $0.465\overline{4}$

SET : D

104. ପାଞ୍ଚଟି କ୍ରମିକ ଅଯୁଗ୍ମ ସଂଖ୍ୟାର ସମଷ୍ଟି 425 ହେଲେ, ସେମାନଙ୍କ ମଧ୍ୟରୁ ମଝି ସଂଖ୍ୟାଟି କେତେ ?

(A) 83

(B) 85

(C) 87

(D) 89

105. ଯଦି $x = 3 + 2\sqrt{2}$ ହୁଏ, $\sqrt{x} - \frac{1}{\sqrt{x}}$ ର ମାନ ________.

(A) 1

(B) 2

(C) $2\sqrt{2}$

(D) $3\sqrt{3}$

106. ଯଦି $\frac{a}{b} + \frac{b}{a} = 1$, ହୁଏ $a^3 + b^3 = ?$

(A) 1

(B) $-1$

(C) $\frac{1}{2}$

(D) 0

104. If the sum of five consecutive odd numbers is 425, what is the middle number among them ?

(A) 83

(B) 85

(C) 87

(D) 89

105. If $x = 3 + 2\sqrt{2}$, then the value of $\sqrt{x} - \frac{1}{\sqrt{x}}$ is ________.

(A) 1

(B) 2

(C) $2\sqrt{2}$

(D) $3\sqrt{3}$

106. If $\frac{a}{b} + \frac{b}{a} = 1$, then $a^3 + b^3 = ?$

(A) 1

(B) $-1$

(C) $\frac{1}{2}$

(D) 0

SET : D

107. ନିମ୍ନ ପ୍ରଦତ୍ତ ଉକ୍ତିରୁ କେଉଁଟି ଠିକ୍ ?

(A) ମୌଳିକ ସଂଖ୍ୟାର ବର୍ଗ ସର୍ବଦା ଏକ ଅଯୁଗ୍ମ ସଂଖ୍ୟା

(B) ଅଯୁଗ୍ମ ସଂଖ୍ୟାର ବର୍ଗ ଏକ ମୌଳିକ ସଂଖ୍ୟା

(C) ଦୁଇଟି ବର୍ଗ ସଂଖ୍ୟାର ସମଷ୍ଟି ଏକ ବର୍ଗସଂଖ୍ୟା

(D) ଦୁଇଟି ବର୍ଗ ସଂଖ୍ୟାର ଅନ୍ତର, ସେମାନଙ୍କର ବର୍ଗମୂଳଦ୍ୱୟର ସମଷ୍ଟି ଓ ଅନ୍ତରର ଗୁଣଫଳ ହେବ

107. Which of the following statement is true ?

(A) Square of a prime number is always an odd number.

(B) Square of an odd number is a prime number.

(C) Sum of two perfect square is a perfect square.

(D) Difference between two perfect square is equal to the product of sum and difference of their square root.

108. ଜଣେ ବ୍ୟବସାୟୀ କ୍ରୟ କରିଥିବା ବସ୍ତୁ ଉପରେ କ୍ରୟମୂଲ୍ୟ ଅପେକ୍ଷା 20% ଅଧିକ ଦାମ ଲେଖିଲା । ମାତ୍ର ବହୁଦିନ ଧରି ବସ୍ତୁଟି ବିକ୍ରି ନ ହେବାରୁ, ବସ୍ତୁଟିକୁ 20% ରିହାତି ଦେଇ ବିକ୍ରି କଲା। ଯଦି ବସ୍ତୁଟି ବିକିବାରେ ତାର ₹ 1 କ୍ଷତି ହୋଇଥାଏ, ତେବେ ସେ କେତେଟଙ୍କାରେ ବସ୍ତୁଟିକୁ କିଣିଥିଲା ?

(A) ₹ 25

(B) ₹ 20

(C) ₹ 30

(D) ₹ 15

108. The merchant wrote down a price 20% higher than the purchase price on a purchased item. But since the item was not sold for a long time, he sold it at 20% discount. If he incurs a loss of ₹ 1 in selling the item, how much did he pay to purchase that item ?

(A) ₹ 25

(B) ₹ 20

(C) ₹ 30

(D) ₹ 15

**109.** ଗୋଟିଏ ଚେସ୍ ବୋର୍ଡରେ 64ଟି ସମାନ ଆକାରର ବର୍ଗକ୍ଷେତ୍ର ଅଛି ଏବଂ ପ୍ରତ୍ୟେକ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 6.25 ବର୍ଗ ସେମି ଅଟେ । ବୋର୍ଡଟିର ଚାରିପାଖକୁ ଲାଗି (ଭିତରକୁ) 2 ସେମି ଚଉଡାର ଏକ ଧଡ଼ି ଅଛି । ଚେସ୍ ବୋର୍ଡଟିର ଦୈର୍ଘ୍ୟ କେତେ ?

(A) 8 ସେମି (B) 24 ସେମି

(C) 12 ସେମି (D) 16 ସେମି

**110.** $\Delta ABC$ ରେ $\overline{XY}$, $\overline{AC}$ ସହ ସମାନ୍ତର ଓ ତ୍ରିଭୁଜକୁ ଦୁଇଟି ସମାନ କ୍ଷେତ୍ରଫଳ ବିଶିଷ୍ଟ ଅଂଶରେ ଭାଗକରେ, ତେବେ, $\frac{AX}{AB} = ?$




(A) $\frac{\sqrt{2}+1}{2}$

(B) $\frac{2-\sqrt{2}}{2}$

(C) $\frac{2+\sqrt{2}}{2}$

(D) $\frac{\sqrt{2}-1}{2}$

**109.** A chess-board contains 64 equal squares and the area of each square is 6.25 $cm^2$. A border (inside) round the board is 2 cm wide. What is the length of the chess-board ?

(A) 8 cm (B) 24 cm

(C) 12 cm (D) 16 cm

**110.** In $\Delta ABC$, $\overline{XY}$ is parallel to $\overline{AC}$ and divides the triangle into the two parts of equal area. Then $\frac{AX}{AB} = ?$




(A) $\frac{\sqrt{2}+1}{2}$

(B) $\frac{2-\sqrt{2}}{2}$

(C) $\frac{2+\sqrt{2}}{2}$

(D) $\frac{\sqrt{2}-1}{2}$

SET : D

111. ନିମ୍ନ ଚିତ୍ରରେ, ΔBDE, ΔBFG ଓ ΔBAC ପ୍ରତ୍ୟେକ ଗୋଟିଏ ଗୋଟିଏ ସମବାହୁ ତ୍ରିଭୁଜ, BE = EG = GC ହେଲେ, ΔBDE, ΔBFG ଓ ΔBACର କ୍ଷେତ୍ରଫଳର ଅନୁପାତ କେତେ ?




(A) 1 : 2 : 3 (B) 1 : 2 : 4
(C) 1 : 3 : 6 (D) 1 : 4 : 9

112. ଦୁଇଟି ଗ୍ରାମର ଲୋକସଂଖ୍ୟା ସମାନ ଥିଲା । ପାଞ୍ଚବର୍ଷପରେ ଗୋଟିଏ ଗ୍ରାମର ଲୋକସଂଖ୍ୟା 20% କମିଗଲା ଓ ଅନ୍ୟଗ୍ରାମର ଲୋକସଂଖ୍ୟା 15% ବଢ଼ିଗଲା, ସେ ସମୟରେ ଉଭୟ ଗ୍ରାମର ଲୋକସଂଖ୍ୟା ମିଶି 39,390 ହୋଇଗଲା । ତେବେ ପାଞ୍ଚବର୍ଷ ପୂର୍ବେ ଉଭୟ ଗ୍ରାମର ମୋଟ ଲୋକସଂଖ୍ୟା କେତେ ଥିଲା ?

(A) 40,000 (B) 40,200
(C) 40,400 (D) 40,800

111. In the given figure, ΔBDE, ΔBFG & ΔBAC are all equilateral triangles. If BE = EG = GC, then what will be the ratio of area of ΔBDE, ΔBFG and ΔBAC ?




(A) 1 : 2 : 3 (B) 1 : 2 : 4
(C) 1 : 3 : 6 (D) 1 : 4 : 9

112. The population of two villages was equal. After five years the population of one village has decreased by 20% and the population of another village has increased by 15%. At that time the population of both the villages together became 39,390. So what was the total population of both the villages five years ago ?

(A) 40,000 (B) 40,200
(C) 40,400 (D) 40,800

SET : D

113. ଦୁଇଟି ସଂଖ୍ୟାର ମଧ୍ୟସମାନୁପାତୀ 28 ଓ ସେହି ସଂଖ୍ୟା ଦୁଇଟିର ତୃତୀୟ ସମାନୁପାତୀ 224 ଅଟେ, ସଂଖ୍ୟା ଦୁଇଟି ସ୍ଥିର କର ।

(A) 14, 56
(B) 56, 7
(C) 28, 56
(D) 14, 34

114. $13^6 - 3^6$ କୁ 2170 ଦ୍ୱାରା ଭାଗକଲେ, ଭାଗଶେଷ କେତେ ହେବ ?

(A) 0
(B) 1
(C) 10
(D) 16

115. ଗୋଟିଏ ତ୍ରିଭୁଜର ଉଚ୍ଚତା ତ୍ରୟ 10 ସେମି, 12 ସେମି ଓ 15 ସେମି ହେଲେ, ଏହାର ଅର୍ଦ୍ଧ ପରିସୀମା କେତେ ହେବ ?

(A) $\frac{45}{\sqrt{7}}$ ସେମି (B) $\frac{7}{\sqrt{2}}$ ସେମି

(C) $\frac{15}{\sqrt{14}}$ ସେମି (D) $\frac{60}{\sqrt{7}}$ ସେମି

113. The mean proportion between two numbers is 28 and the third proportion to them is 224. Determine the numbers.

(A) 14, 56
(B) 56, 7
(C) 28, 56
(D) 14, 34

114. What will be the remainder when $13^6 - 3^6$ is divided by 2170 ?

(A) 0
(B) 1
(C) 10
(D) 16

115. If the altitudes of a triangle are 10 cm, 12 cm and 15 cm, then its semi perimeter is ________.

(A) $\frac{45}{\sqrt{7}}$ cm (B) $\frac{7}{\sqrt{2}}$ cm

(C) $\frac{15}{\sqrt{14}}$ cm (D) $\frac{60}{\sqrt{7}}$ cm

116. ନିମ୍ନସ୍ଥ ମଧ୍ୟରୁ କେଉଁଟି ଗଣିତ ଶିକ୍ଷାଦାନର ଏକ ପ୍ରମୁଖ ସମସ୍ୟା ଅଟେ ?
(A) ଶିକ୍ଷକଙ୍କର ଶିକ୍ଷାଦାନ ପଦ୍ଧତି
(B) ଗାଣିତିକ ସାଧନୀର ବ୍ୟବହାର
(C) ଶ୍ରେଣୀଗୃହ ପରିଚାଳନା
(D) ଶିକ୍ଷାଦାନ ପଦ୍ଧତିର ଜ୍ଞାନ

117. କେଉଁ ଶିକ୍ଷାଦାନ ପଦ୍ଧତି 'ଅଜ୍ଞାତରୁ ଜ୍ଞାତ' ଆଡକୁ ଅଗ୍ରସର ହୋଇଥାଏ ?
(A) ପ୍ରଦର୍ଶନ
(B) ଆରୋହ
(C) ବିଶ୍ଳେଷଣ
(D) ପ୍ରକଳ୍ପ

118. ଦୃଷ୍ଟିବାଧିତ ଶିଶୁମାନଙ୍କୁ କିପରି ଗଣିତ ଶିକ୍ଷାଦାନ ଦିଆଯାଇ ଥାଏ ?
(A) ବିଷୟକୁ ବୁଝିବାପାଇଁ ଉନ୍ନତ ପ୍ରଣାଳୀ
(B) ପ୍ରତ୍ୟେକ ସୋପାନକୁ ବଡ ପାଟିରେ କହିବା ପାଇଁ ପିଲାମାନଙ୍କୁ ଅନୁମତି ଦେବା
(C) ମୁଖ୍ୟ ସୋପାନଗୁଡିକୁ ବଡପାଟିରେ ପୁନରାବୃତ୍ତି କରିବାପାଇଁ ଅନୁମତି ଦେବା
(D) ସମାଧାନର ପ୍ରଣାଳୀକୁ ସରଳ ସୋପାନରେ ଭାଗ କରିବା

116. Which one of the following is a major problem of teaching mathematics ?
(A) teaching methods of teachers
(B) use of mathematical tools
(C) classroom operations
(D) knowledge of teaching methods

117. Which teaching method proceeds from 'unknown to known' ?
(A) Demonstration
(B) Inductive
(C) Analysis
(D) Project

118. How to teach mathematics to visually challenged children ?
(A) Scaffolding
(B) Allowing children to tell each step loudly.
(C) Allowing children to repeat key steps loudly.
(D) Breaking down the process into simple steps.

119. ଗାଣିତିକ ପ୍ରକ୍ରିୟାରେ ଶିକ୍ଷାର୍ଥୀ କରୁଥିବା ତ୍ରୁଟିକୁ ନିର୍ଣ୍ଣୟ କରିବା ପାଇଁ କେଉଁ ପରୀକ୍ଷଣ ବ୍ୟବହାର କରାଯାଇଥାଏ ?

(A) ନିଦାନାତ୍ମକ ପଠନ ପରୀକ୍ଷଣ

(B) ପ୍ରତିକାରାତ୍ମକ ପରୀକ୍ଷଣ

(C) ନିଦାନାତ୍ମକ ଗାଣିତିକ ଦକ୍ଷତା ପରୀକ୍ଷଣ

(D) ପର୍ଯ୍ୟବେକ୍ଷଣ ପରୀକ୍ଷଣ

120. ଶିକ୍ଷଣ କାର୍ଯ୍ୟଟି ଅର୍ଥପୂର୍ଣ୍ଣ ହୋଇଥିବ ଓ ଏହାର ପ୍ରାସଙ୍ଗିକତା ଥିଲେ, ଶିକ୍ଷଣ ଦୀର୍ଘସ୍ଥାୟୀ ହେବ । ଏହା ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥାର କେଉଁ ଉପାଦାନ ଅନ୍ତର୍ଗତ ?

(A) ଲକ୍ଷ୍ୟ କୈନ୍ଦ୍ରିକ

(B) ଆନନ୍ଦଦାୟୀ

(C) ସ୍ୱତଃସ୍ଫୂର୍ତ୍ତ ଅଂଶଗ୍ରହଣ

(D) ଆହ୍ୱାନମୂଳକ

119. Which test is used to find errors committed by students during mathematical operations ?

(A) Diagnostic reading test

(B) Remedial test

(C) Diagnostic mathematical skill test

(D) Observation test

120. If the learning activity will have meaning and relevance, the learning will be long lasting. Which component of activity based approach does it belong to ?

(A) Focus centred

(B) Joyful

(C) Spontaneous involvement

(D) Challenging

121. ତ୍ୱରମାପକ ଥର୍ମୋମିଟରରେ ସର୍ବନିମ୍ନ କେତେ ଡିଗ୍ରୀ Fରୁ ସର୍ବାଧିକ କେତେ ଡିଗ୍ରୀ F ପର୍ଯ୍ୟନ୍ତ ସୂଚିତ ହୋଇଛି ?
(A) 0 – 100
(B) 32 – 110
(C) 95 – 110
(D) 100 – 240

122. କେଉଁ ଭିଟାମିନ୍ ଜଳରେ ଦ୍ରବଣୀୟ ଅଟେ ?
(A) D ଓ E
(B) K ଓ C
(C) A ଓ B
(D) B ଓ C

123. କେଉଁ ଦୁର୍ବିପାକ କାରଣରୁ 1998 ମସିହାରେ ଓଡ଼ିଶାରୁ ବହୁଲୋକ ପ୍ରାଣ ହରାଇଲେ ?
(A) ଅଂଶୁଘାତ
(B) ବାତ୍ୟା
(C) ବନ୍ୟା
(D) ମହାମାରୀ

124. ଲଣ୍ଡନ ସ୍ମଗ୍ ବିପର୍ଯ୍ୟୟର ମୁଖ୍ୟ କାରଣ କ'ଣ ଥିଲା ?
(A) ଚିନି କାରଖାନା ବର୍ଜ୍ୟ
(B) ଜଳବିଦ୍ୟୁତ୍ କାରଖାନା ବର୍ଜ୍ୟ
(C) ଲୁଗା କାରଖାନା ବର୍ଜ୍ୟ
(D) ଘରଉଷୁମରଖିବା ପାଇଁ କୋଇଲା ଜାଳିବା ବର୍ଜ୍ୟ

125. କେଉଁ ପରିସ୍ଥାନରେ ଅଧିକ ଶୈବାଳ ଅତିବୃଦ୍ଧି ଦେଖାଯାଏ ?
(A) ମହାସାଗର
(B) ମେରୁ ଅଞ୍ଚଳ
(C) ପ୍ରବହମାନ ଜଳଧାର
(D) ମଧୁର ଜଳ ହ୍ରଦ

121. What is the range of clinical thermometer in Fahrenheit scale ?
(A) 0 – 100
(B) 32 – 110
(C) 95 – 110
(D) 100 – 240

122. Which vitamins are soluble in water ?
(A) D & E
(B) K & C
(C) A & B
(D) B & C

123. Which disaster caused many deaths in Odisha in 1998 ?
(A) Heatwave
(B) Cyclone
(C) Flood
(D) Epidemic

124. What was the main cause of London Smog disaster ?
(A) Wastes from sugar mill
(B) Wastes from Hydroelectric power plant
(C) Wastes from textile industry
(D) Wastes by. burning of coal to keep house warm.

125. In which habitat more algal blooms are seen ?
(A) Ocean
(B) Polar region
(C) Flowing waterman
(D) Fresh water lake

**126.** (i) ଜଣେ ବିଦ୍ୟାର୍ଥୀ ବିଜ୍ଞାନଗାରରେ ଉଦ୍‌ଜାନ ପ୍ରସ୍ତୁତିର ଠିକ୍ ଚିତ୍ର ଅଙ୍କନ କଲେ ।

(ii) ସେହି ବିଦ୍ୟାର୍ଥୀ ଜଣକ ଚିତ୍ର ଅନୁଯାୟୀ ଉପକରଣ ସଜାଇ ଠିକ୍ ଭାବରେ ଉଦ୍‌ଜାନ ସଂଗ୍ରହ କଲେ ।

(iii) ସେହି ବିଦ୍ୟାର୍ଥୀ ଜଣକ ଠିକ୍ ଭାବେ କ୍ରମାନ୍ୱୟରେ ପରୀକ୍ଷାଟିର ତଥ୍ୟଗୁଡ଼ିକ ଲିପିବଦ୍ଧ କଲେ ।

(A) (i) ଓ (ii) ବିଜ୍ଞାନ ଶିକ୍ଷାର ଏକ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଏବଂ (iii) ଅନ୍ୟ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଅଟେ ।

(B) (ii) ଓ (iii) ବିଜ୍ଞାନ ଶିକ୍ଷାର ଏକ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଏବଂ (i) ଅନ୍ୟ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଅଟେ ।

(C) (iii) ଓ (i) ବିଜ୍ଞାନ ଶିକ୍ଷାର ଏକ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଏବଂ (ii) ଅନ୍ୟ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଅଟେ ।

(D) (i), (ii) ଓ (iii) ସବୁଗୁଡିକ ବିଜ୍ଞାନ ଶିକ୍ଷାର ଶ୍ରେଣୀଭୁକ୍ତ ଲକ୍ଷ୍ୟ ଅଟନ୍ତି ।

**127.** ଏକ ପ୍ରଶ୍ନର ଦତ୍ତ ତଥ୍ୟକୁ ଲକ୍ଷ୍ୟ କରି ଗ୍ରାଫ୍‌ଟିଏ ଅଙ୍କନ କରିବାକୁ କୁହାଯାଇଛି ଏବଂ ଗ୍ରାଫ୍ ସଂପର୍କିତ କେତେକ ପାଠ୍ୟ ଭିତ୍ତିକ ପ୍ରଶ୍ନର ଉତ୍ତର ଦେବାକୁ ପଚରାଯାଇଛି ।

(i) ଏହା ଏକ କୌଶଳ ଭିତ୍ତିକ ପ୍ରଶ୍ନ

(ii) ଏହା ଏକ ପ୍ରୟୋଗ ଭିତ୍ତିକ ପ୍ରଶ୍ନ

(iii) ଏହା ଏକ ଜ୍ଞାନ ଭିତ୍ତିକ ପ୍ରଶ୍ନ

(A) କେବଳ (i) ଠିକ୍

(B) କେବଳ (iii) ଠିକ୍

(C) ଉଭୟ (i) ଓ (iii) ଠିକ୍

(D) ଉଭୟ (i) ଓ (ii) ଠିକ୍

**126.** (i) A learner drew the correct diagram of the preparation of hydrogen in the laboratory.

(ii) The same learner arranged the apparatus according to the diagram and collected hydrogen.

(iii) The same learner recorded the observations of the experiment correctly and sequentially.

(A) (i) and (ii) belong to one category of objectives of science education and (iii) belongs to another category.

(B) (ii) and (iii) belong to one category of objectives of science education and (i) belongs to another category.

(C) (iii) and (i) belong to one category of objectives of science education and (ii) belongs to another category.

(D) (i), (ii) and (iii) all belong to one category of objectives of science education.

**127.** In a question it is asked to plot a graph on the given data and to answer some lesson based questions relating to the graph.

(i) This is a skill based question.

(ii) This is an application based question.

(iii) This is a knowledge based question.

(A) Only (i) is correct.

(B) Only (iii) is correct.

(C) Both (i) and (iii) are correct.

(D) Both (i) and (ii) are correct.

SET : D

128. ଜଳରେ ଗ୍ଲୁକୋଜ୍ ମିଶାଇଲେ ତାପଜନିତ ଯେଉଁ ପରିବର୍ତ୍ତନ ଘଟେ, ନିମ୍ନୋକ୍ତ କେଉଁ କ୍ଷେତ୍ରରେ ଅନୁରୂପ ତାପ ପରିବର୍ତ୍ତନ ଘଟେ ?

(i) ଜଳରେ ସୋଡିୟମ କାର୍ବୋନେଟ୍ ମିଶାଇଲେ

(ii) ଜଳରେ ଏମୋନିୟମ କ୍ଲୋରାଇଡ୍ ମିଶାଇଲେ

(iii) ଜଳରେ ଗାଢ ସଲଫ୍ୟୁରିକ୍ ଏସିଡ୍ ମିଶାଇଲେ

(iv) ଜଳରେ କ୍ୟାଲସିୟମ୍ ଅକ୍ସାଇଡ୍ ମିଶାଇଲେ

ଏହା କେଉଁ ଶ୍ରେଣୀ ଭୁକ୍ତ ପ୍ରଶ୍ନ ଅଟେ ?

(A) ଜ୍ଞାନ ଭିତ୍ତିକ

(B) ବୋଧ ଭିତ୍ତିକ

(C) ପ୍ରୟୋଗ ଭିତ୍ତିକ

(D) କୌଶଳ ଭିତ୍ତିକ

129. ବିଜ୍ଞାନ ଶିକ୍ଷାଦାନରେ ଶୈକ୍ଷିକ ଉଦ୍ଦେଶ୍ୟ ଦୃଷ୍ଟି କୋଣରୁ କେଉଁଟି ଅନ୍ୟଗୁଡିକ ଠାରୁ ଭିନ୍ନ ?

(A) ଜଣେ ଶିକ୍ଷାର୍ଥୀ ଗୋଟିଏ ଫୁଲର ଚିତ୍ର ଅଙ୍କନ କଲେ ।

(B) ସେହି ଶିକ୍ଷାର୍ଥୀ ଚିତ୍ରରେ ଫୁଲର ବିଭିନ୍ନ ଅଂଶଗୁଡିକର ନାମ ଠିକ୍ ଭାବେ ଲେଖିଲେ ।

(C) ସେହି ଶିକ୍ଷାର୍ଥୀ ଫୁଲର ବିଭିନ୍ନ ଅଂଶର କାର୍ଯ୍ୟ ବୁଝାଇଲେ ।

(D) ସେହି ଶିକ୍ଷାର୍ଥୀ ଫୁଲରୁ ଫଳ କିପରି ସୃଷ୍ଟି ହୁଏ ବୁଝାଇଲେ ।

128. Some thermal change occurs when glucose is mixed with water. In which of the following cases similar thermal change occurs ?

(i) Sodium carbonate is mixed with water.

(ii) Ammonium chloride is mixed with water.

(iii) Concentrated sulphuric acid is mixed with water.

(iv) Calcium oxide is mixed with water.

This question belongs to which category ?

(A) Knowledge-based

(B) Understanding-based

(C) Application-based

(D) Skill-based

129. Which is different from others with regard to instructional objectives of teaching science ?

(A) A learner drew the diagram of a flower.

(B) The same learner labelled the different parts of the flower correctly.

(C) The same learner explained the functions of the different parts of a flower.

(D) The same learner explained the formation of fruit from a flower.

130. (i) ବିଦ୍ୟାର୍ଥୀ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଗୁଡିକୁ ମନେରଖନ୍ତି ।

(ii) ବିଦ୍ୟାର୍ଥୀ ବିଜ୍ଞାନ ସମ୍ବନ୍ଧୀୟ ପରିଘଟଣାକୁ ତନ୍ନ ତନ୍ନ ଭାବେ ପର୍ଯ୍ୟବେକ୍ଷଣ କରନ୍ତି ଏବଂ ପର୍ଯ୍ୟବେକ୍ଷଣ ଲବ୍ଧ ତଥ୍ୟଗୁଡିକୁ କ୍ରମାନ୍ୱୟରେ ଲିପିବଦ୍ଧ କରନ୍ତି ।

(iii) ବିଦ୍ୟାର୍ଥୀ ଅବସର ସମୟରେ ଛୋଟ ଛୋଟ ପରୀକ୍ଷଣ କରନ୍ତି ।

(A) (i) ଓ (ii) ବିଜ୍ଞାନ ଶିକ୍ଷାର ଏକ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଏବଂ (iii) ଅନ୍ୟ ଶ୍ରେଣୀଭୁକ୍ତ ।

(B) (ii) ଓ (iii) ବିଜ୍ଞାନ ଶିକ୍ଷାର ଏକ ଶ୍ରେଣୀଭୁକ୍ତ ଲକ୍ଷ୍ୟ ଏବଂ (i) ଅନ୍ୟ ଶ୍ରେଣୀଭୁକ୍ତ ଲକ୍ଷ୍ୟ ।

(C) (i), (ii) ଓ (iii) ସବୁଗୁଡିକ ବିଜ୍ଞାନ ଶିକ୍ଷାର ଏକ ଶ୍ରେଣୀଭୁକ୍ତ ଲକ୍ଷ୍ୟ ।

(D) (i), (ii) ଓ (iii) ପ୍ରତ୍ୟେକ ବିଜ୍ଞାନ ଶିକ୍ଷାର ଭିନ୍ନ ଶ୍ରେଣୀଭୁକ୍ତ ଲକ୍ଷ୍ୟ ।

131. ଆଣବିକ ଯୋଗିକ ଗୁଡିକ ପାଇଁ କେଉଁ ଉକ୍ତିଟି ଠିକ୍ ନୁହେଁ ?

(A) ଏ ଗୁଡିକ କଠିନ

(B) ଏ ଗୁଡିକର ଉଚ୍ଚ ଗଳନାଙ୍କ ଥାଏ

(C) ଏ ଗୁଡିକର ନିମ୍ନ ସ୍ଫୁଟନାଙ୍କ ଥାଏ

(D) ଏ ଗୁଡିକ ଜଳରେ ଦ୍ରବଣୀୟ

130. (i) A learner keeps in memory the subject matter of science.

(ii) A learner observes a phenomenon of science minutely and records the observations sequentially.

(iii) A learner performs simple experiment on science during leisure time.

(A) (i) & (ii) belong to one category of objectives of science education and (iii) belongs to another category.

(B) (ii) & (iii) belong to one category of objectives of science education and (i) belongs to another category.

(C) (i), (ii) & (iii) belong to one category of objectives of science education.

(D) (i), (ii) & (iii) each belongs to different category of objectives of science education.

131. Which statement is not correct for ionic compounds ?

(A) These are hard.

(B) These have high melting point.

(C) These have low boiling point.

(D) These are soluble in water.

**132.** ନିମ୍ନୋକ୍ତ କେଉଁଟି ବିଘଟଣ ପ୍ରତିକ୍ରିୟା କୁ ସୂଚାଏ ?

(A) $CaO(s) + H_2O(l) \longrightarrow Ca(OH)_2(aq)$

(B) $Fe(s) + CuSO_4(aq) \longrightarrow FeSO_4(aq) + Cu(s)$

(C) $Pb(s) + CuCl_2(aq) \longrightarrow PbCl_2(aq) + Cu(s)$

(D) $2FeSO_4(s) \xrightarrow{\text{ତାପ}} Fe_2O_3(s) + SO_2(g) + SO_3(g)$

**133.** (i) କପର୍ ଅକ୍ସାଇଡ୍ ଅମ୍ଳସହ ରାସାୟନିକ ପ୍ରତିକ୍ରିୟା କରି ଲବଣ ଓ ଜଳ ସୃଷ୍ଟି କରେ ।

(ii) ସୋଡିୟମ ହାଇଡ୍ରୋକ୍ସାଇଡ୍ କ୍ଷାର ସହ ରାସାୟନିକ ପ୍ରତିକ୍ରିୟା କରି ଲବଣ ଓ ଜଳ ସୃଷ୍ଟି କରେ ।

(iii) ସୋଡିୟମ୍ ହାଇଡ୍ରୋକ୍ସାଇଡ୍ ଧାତୁ ସହ ରାସାୟନିକ ପ୍ରତିକ୍ରିୟା କରି ଲବଣ ଓ ଗ୍ୟାସ ସୃଷ୍ଟି କରେ ।

(A) (i) ଓ (ii) ଠିକ୍ ଏବଂ (iii) ଭୁଲ୍

(B) (ii) ଓ (iii) ଠିକ୍ ଏବଂ (i) ଭୁଲ୍

(C) (i) ଓ (iii) ଠିକ୍ ଏବଂ (ii) ଭୁଲ୍

(D) (i), (ii) ଓ (iii) ଠିକ୍

**134.** ଗୋଟିଏ ବିଦ୍ୟୁତ୍ ପରିବାହୀର ଦୈର୍ଘ୍ୟ ଏବଂ ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳକୁ ଏକ ଯାନ୍ତ୍ରିକ ଉପାୟରେ ଯଥାକ୍ରମେ ଦୁଇଗୁଣ ଓ ଚାରିଗୁଣ କରିଦେଲେ ଏହାର ବିଶିଷ୍ଟ ପ୍ରତିରୋଧ

(A) ଏକ-ଚତୁର୍ଥାଂଶ ହୋଇଯିବ

(B) ଅଧା ହୋଇଯିବ

(C) ଅପରିବର୍ତ୍ତିତ ରହିବ

(D) ଦୁଇଗୁଣ ହୋଇଯିବ

**132.** Out of the following which one indicates decomposition reaction ?

(A) $CaO(s) + H_2O(l) \longrightarrow Ca(OH)_2(aq)$

(B) $Fe(s) + CuSO_4(aq) \longrightarrow FeSO_4(aq) + Cu(s)$

(C) $Pb(s) + CuCl_2(aq) \longrightarrow PbCl_2(aq) + Cu(s)$

(D) $2FeSO_4(s) \xrightarrow{\text{heat}} Fe_2O_3(s) + SO_2(g) + SO_3(g)$

**133.** (i) Copper oxide forms salt and water reacting with an acid.

(ii) Sodium hydroxide forms salt and water reacting with a base.

(iii) Sodium hydroxide forms salt and gas reacting with metal.

(A) (i) and (ii) are correct and (iii) is wrong.

(B) (ii) and (iii) are correct and (i) is wrong.

(C) (i) and (iii) are correct and (ii) is wrong.

(D) (i), (ii) and (iii) are correct.

**134.** If the length and area of cross section of an electric conductor is doubled and quadrupled respectively by a machine, then its specific resistance shall be

(A) one-fourth

(B) halved

(C) unaffected

(D) doubled

SET : D

135. କେଉଁଟିକୁ ସୁଟିଂ ଷ୍ଟାର କୁହାଯାଏ ?

(A) ଗ୍ରହାଣୁ

(B) ଉଲ୍କା ପିଣ୍ଡ

(C) ଧୂମକେତୁ

(D) ଉପଗ୍ରହ

136. ନିମ୍ନୋକ୍ତ କେଉଁ କ୍ଷେତ୍ରରେ ସଳଖ, ଛୋଟ ଏବଂ ଆଭାସୀ ପ୍ରତିବିମ୍ବ ଗଠିତ ହେବ ?

(A) ଉତ୍ତଳ ଦର୍ପଣ ଓ ଅବତଳ ଦର୍ପଣ

(B) ଉତ୍ତଳ ଲେନ୍ସ ଓ ଅବତଳ ଲେନ୍ସ

(C) ଅବତଳ ଦର୍ପଣ ଓ ଉତ୍ତଳ ଲେନ୍ସ

(D) ଉତ୍ତଳ ଦର୍ପଣ ଓ ଅବତଳ ଲେନ୍ସ

137. ନିମ୍ନସ୍ଥ ପରିପଥରେ R କେତେ ଓମ୍ ?




(A) 12 Ω (B) 8 Ω

(C) 5 Ω (D) 2 Ω

138. ଜଣେ ବ୍ୟକ୍ତି ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ 40 km/hr. ବେଗରେ ଯାଇ ପୁନର୍ବାର ସେହିପଥରେ ଆରମ୍ଭ ସ୍ଥାନକୁ 60 km/hr. ବେଗରେ ଫେରି ଆସିଲେ । ତାଙ୍କର ହାରାହାରି ବେଗ କେତେଥିଲା ?

(A) 0 km/hr. (B) 50 km/hr.

(C) 48 km/hr. (D) 100 km/hr.

135. Which one is called a "Shooting Star" ?

(A) Asteroid

(B) Meteorite

(C) Comet

(D) Satellite

136. In which of the following case an erect, diminished and virtual image will be formed ?

(A) Convex mirror and concave mirror

(B) Convex lens and concave lens

(C) Concave mirror and convex lens

(D) Convex mirror and concave lens

137. What is the value of R in ohm in the given circuit ?




(A) 12 Ω (B) 8 Ω

(C) 5 Ω (D) 2 Ω

138. A man travelled from one place to the other place with a speed of 40 km/hr. and returned to the initial point with a speed of 60 km/hr. in same path. What was his average speed ?

(A) 0 km/hr. (B) 50 km/hr.

(C) 48 km/hr. (D) 100 km/hr.

139. 10 g. ବସ୍ତୁତ୍ୱ ବିଶିଷ୍ଟ ଏକ ସ୍ଥିର ବସ୍ତୁ ଉପରେ ବଳ ପ୍ରୟୋଗ କରିବାରୁ ବସ୍ତୁଟିରେ 10 $cm/s^2$ ତ୍ୱରଣ ସୃଷ୍ଟି ହେଲା । ବଳଟି 2 ସେକେଣ୍ଡ ପର୍ଯ୍ୟନ୍ତ ବସ୍ତୁ ଉପରେ ପ୍ରୟୋଗ ହୋଇଥିଲେ, ବଳର ପରିମାଣ ଓ ସଂବେଗର ପରିବର୍ତ୍ତନର ମୂଲ୍ୟ ଯଥାକ୍ରମେ –

(A) 1000 N, 2000 NS

(B) 100 N, 50 NS

(C) $\frac{1}{100}$ N, $\frac{1}{50}$ NS

(D) $\frac{1}{1000}$ N, $\frac{1}{500}$ NS

140. ନିମ୍ନୋକ୍ତ କେଉଁ ଅବସ୍ଥାରେ ପଦାର୍ଥର କଣିକାମାନେ ସର୍ବାଧିକ ଶକ୍ତିଶାଳୀ ଅଟନ୍ତି ?

(A) ତରଳ

(B) କଠିନ

(C) ଗ୍ୟାସ୍

(D) ପ୍ଲାଜ୍ମା

141. ଶିଶୁର କେଉଁ ଗୋଟିକ ହେଉଛି ପ୍ରାଥମିକ ସାମାଜିକ ପରିବେଶ ?

(A) ଗୋଷ୍ଠୀ

(B) ପଡ଼ୋଶୀ

(C) ପରିବାର

(D) ବନ୍ଧୁବାନ୍ଧବ

142. ଉଦ୍ଭିଦ ପାଇଁ ଜଳ ଅପରିହାର୍ଯ୍ୟ । ଉଦ୍ଭିଦର କେଉଁ ପ୍ରକ୍ରିୟାରେ ଜଳ ମୋଚିତ ହୁଏ ନାହିଁ ?

(A) ଶ୍ୱସନ

(B) ଆଲୋକଶ୍ଳେଷଣ

(C) ଉତ୍ସ୍ୱେଦନ

(D) ବିନ୍ଦୁସ୍ରାବ

139. A force produces an acceleration of 10 $cm/s^2$ in a body of mass 10 g. What is the magnitude of force and value of change in momentum respectively, if the force acted on the body for 2 seconds ?

(A) 1000 N, 2000 NS

(B) 100 N, 50 NS

(C) $\frac{1}{100}$ N, $\frac{1}{50}$ NS

(D) $\frac{1}{1000}$ N, $\frac{1}{500}$ NS

140. Out of the following, in which state of matter particles are more energetic ?

(A) Liquid

(B) Solid

(C) Gaseous

(D) Plasma

141. Which is the primary social environment of a child ?

(A) Community

(B) Neighbour

(C) Family

(D) Friends & relations

142. Water is indispensable for plants. In which process water is not liberated in plants ?

(A) Respiration

(B) Photosynthesis

(C) Transpiration

(D) Guttation

143. ପରିବେଶ ଶିକ୍ଷା ପଦ୍ଧତିରେ କେଉଁ କ୍ରମଟି ଠିକ୍ ?

(A) ପର୍ଯ୍ୟବେକ୍ଷଣ ⟶ ତଥ୍ୟ ଲିପିବଦ୍ଧ ⟶ ତଥ୍ୟ ଅନୁଶୀଳନ ⟶ ସିଦ୍ଧାନ୍ତ

(B) ତଥ୍ୟ ଲିପିବଦ୍ଧ ⟶ ପର୍ଯ୍ୟବେକ୍ଷଣ ⟶ ତଥ୍ୟ ଅନୁଶୀଳନ ⟶ ସିଦ୍ଧାନ୍ତ

(C) ତଥ୍ୟ ଅନୁଶୀଳନ ⟶ ତଥ୍ୟ ଲିପିବଦ୍ଧ ⟶ ପର୍ଯ୍ୟବେକ୍ଷଣ ⟶ ସିଦ୍ଧାନ୍ତ

(D) ପର୍ଯ୍ୟବେକ୍ଷଣ ⟶ ସିଦ୍ଧାନ୍ତ ⟶ ତଥ୍ୟ ଲିପିବଦ୍ଧ ⟶ ତଥ୍ୟ ଅନୁଶୀଳନ

144. ପରିବେଶ ବିଜ୍ଞାନ ଶିକ୍ଷା ପଦ୍ଧତିରେ କେଉଁ ସୂଚନା ଟି ଭୁଲ ?

(A) କୌତୁହଳ ଉଦ୍ଦୀପକ

(B) ବୈଜ୍ଞାନିକ ମୂଲ୍ୟବୋଧବୃଦ୍ଧି

(C) ଶିଶୁକୈନ୍ଦ୍ରିକ

(D) ଦଳଗତ ଶିକ୍ଷାଦାନ

145. ଶ୍ରେଣୀ କକ୍ଷକୁ ଆଳୁ ଓ ମୂଳାର ନମୁନା ଆଣି ଶିକ୍ଷକ ଦେଖାଇଲେ । ସୂଚନା ଦେଲେ ଗୋଟିଏ ହେଉଛି ମୂଳ ଓ ଅନ୍ୟଟି କାଣ୍ଡ । ତେବେ ନିମ୍ନଲିଖିତ କେଉଁ ପାର୍ଥକ୍ୟରୁ ତାହା କାଣ୍ଡ ବା ଚେରକୁ ଜାଣି ପାରିବା ?

(A) ମାଟିତଳେ ଖାଦ୍ୟସଞ୍ଚୟ

(B) ହରିତ୍ ଲବକ ନରହିବା

(C) ପରିବର୍ତ୍ତନ ଅଂଶରୁ ଚେର ବାହାରିବା

(D) ଜନନ କ୍ଷମତା

143. Which one is the correct sequence of environment education ?

(A) Observation ⟶ Noting of facts ⟶ Fact analysis ⟶ Inference

(B) Noting of facts ⟶ Observation ⟶ Fact analysis ⟶ Inference

(C) Fact analysis ⟶ Noting of facts ⟶ Observation ⟶ Inference

(D) Observation ⟶ Inference ⟶ Noting of facts ⟶ Fact analysis

144. Which one is a fault of environment education ?

(A) Stimulation of interest

(B) Increase in value of scientific temper.

(C) Child centric

(D) Group teaching

145. Teacher showed the specimens of potato and radish in the class. Indicated that one is a root and other one is a stem. Then which difference from the following can we know that it is stem or root ?

(A) Food deposition underground

(B) Absence of chloroplast

(C) Roots coming out from modified portions

(D) Reproductive power

146. କେଉଁ ଭିଟାମିନ୍ ଅଭାବରୁ ଖପୁରୀହାଡ଼ ବିକୃତ ହୋଇଯାଏ ଓ ହାତ ଗୋଡ଼ ବକ୍ର ହୋଇଯାଏ ?

(A) ଭିଟାମିନ୍-C (B) ଭିଟାମିନ୍-D

(C) ଭିଟାମିନ୍-A (D) ଭିଟାମିନ୍-E

147. କେଉଁ ମଶାଟି ଏକ ଭୂତାଣୁଜନିତ ରୋଗର ବାହକ ?

(A) ମାଈ ଏନୋଫିଲିସ୍

(B) ମାଈ କ୍ୟୁଲେକ୍ସ

(C) ମାଈ ଏଡିସ୍

(D) ଅଣ୍ଡିରା ଏଡିସ୍

148. କେଉଁ ଯୋଡ଼ାଟି ଅସମ୍ବନ୍ଧିତ ?

(A) ପୁଷ୍ଟିସାର – ଏମିନୋଅମ୍ଳ

(B) ସ୍ନେହସାର – ଫ୍ୟାଟି ଅମ୍ଳ

(C) ମଣ୍ଡଦ – ଏସେଟିକ୍ ଅମ୍ଳ

(D) ଭିଟାମିନ୍ C – ଆସ୍କରବିକ୍ ଅମ୍ଳ

149. ଖତଗଦାରେ ଅପଘଟନରୁ କେଉଁ ଗ୍ୟାସ୍ ଅଧିକ ପରିମାଣରେ ନିର୍ଗତ ହୋଇଥାଏ ?

(A) ମିଥେନ୍

(B) ଅଙ୍ଗାରକାମ୍ଳ

(C) ଅମ୍ଳଜାନ

(D) ଯବକ୍ଷାରଜାନ

150. କେଉଁ ବିଦ୍ୟୁତଶକ୍ତି ଉତ୍ପାଦନ ଉତ୍ସରୁ ଅଧିକ ପରିମାଣର ପାଉଁଶ ବର୍ଜ୍ୟ ବାହାରିଥାଏ ?

(A) ଜଳ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର

(B) ତାପଜ ବିଦ୍ୟୁତ କାରଖାନା

(C) ଗୋବର ଗ୍ୟାସ ପ୍ଲାଣ୍ଟ

(D) ନାଭିକୀୟ ଶକ୍ତି କେନ୍ଦ୍ର

146. Deficiency of which vitamin causes skeletal deformity of skull bones and bow legs and hands ?

(A) Vit.-C

(B) Vit.-D

(C) Vit.-A

(D) Vit.-E

147. Which mosquito is the carrier of a viral disease ?

(A) Female Anopheles

(B) Female Culex

(C) Female Aedes

(D) Male Aedes

148. Which pair is unrelated ?

(A) Proteins – Amino acids

(B) Lipids – Fatty acids

(C) Starch – Acetic acid

(D) Vitamin C – Ascorbic acid

149. Which gas is emitted from compost pits due to decomposition ?

(A) Methane

(B) Carbon dioxide

(C) Oxygen

(D) Nitrogen

150. Which electric power production plant releases maximum amount of fly ash wastes ?

(A) Hydroelectric power centre

(B) Thermal power plant

(C) Gobar gas plant

(D) Nuclear energy centre